# Akashvani, Sambalpur

## SAMBALPURI NEWS BULLETIN

### 5 February 2026 – 6.47- 6.52 am.

*************************************************

ରାଷ୍ଟ୍ରପତି ଓଡ଼ିଶା ଗସ୍ତ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତର୍ ୪ ନମ୍ବର ଦିନେ ଆଏଜ୍ ସକାଲ୍‌ବେଲା ମୟୁରଭଞ୍ଜ ଜିଲ୍ଲାର୍ ରାଇରଙ୍ଗପୁର ନ ଡକ୍ୟୁମେଂଟାରୀ ଫିଲ୍ମ ଶୁଟିଂଥି ସାମିଲ୍ ହେବେ । ତାର୍ ଉତ୍‌ରୁ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ନ ଦର୍ଶନ୍ କର୍‌ବେ । ଉପର୍‌ବେଲା ରାଷ୍ଟ୍ରପତି ଜିଲ୍ଲାର ଜଶିପୁର ଯାଇକରି ଶିମିଲିପାଲ୍ ଅଭୟାରଣ୍ୟକେ ବୁଲି ଦେଖ୍‌ବାର୍ କାର୍ଯ୍ୟସୂଚୀ ରହିଛେ । ରାଷ୍ଟ୍ରପତି ଆଏଜ୍ ଶିମିଲପାଲ୍ ନ ରାତ୍ରୀଯାପନ୍ କର୍‌ବେ । ରାଷ୍ଟ୍ରପତିଙ୍କର୍ ଗସ୍ତ ଲାଗି ଶିମିଲିପାଲ୍ ଅଭୟାରଣ୍ୟ ସାଧାରଣ ଲୁକ୍‌କର ଲାଗି ବନ୍ଦ ରଖାଯାଇଛେ ।

ବ୍ଲେକ୍ ସ୍ୱାନ୍ ସମିଟ          I & P R

ଓଡ଼ିଶା ସର୍‌କାର୍ ଆଉ ଗ୍ଲୋବାଲ୍ ଫାଇନାନ୍ସ ଏଣ୍ଡ ଟେକ୍ନୋଲୋଜି ନେଟ୍‌ୱାର୍କର ମିଲିତ୍ ସହଯୋଗ୍‌ଥି ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ନ ୨

ଦିନିଆ ବ୍ଲାକ୍ ସ୍ୱାନ୍ ସମ୍ମିଟ୍ ମୁଲ୍ ହେବା । କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରମୁଖ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଓଡ଼ିଶାକେ ବିଶ୍ୱସ୍ତରୀୟ ଡିଜିଟାଲ୍ ଫାଇନାନ୍ସ ହବ୍ କର୍‌ବାର୍‌ଟା ଇ ସମ୍ମିଳନୀର୍ ମୁଖିଆ ଉଦ୍ଦେଶ୍ ଆଏ । ଇ ସମ୍ମିଳନୀଥି ଅର୍ଥନୀତି, ଟେକ୍ନୋଲୋଜି, ଶିକ୍ଷା, ଆଉ ନୀତି ନିର୍ଦ୍ଧାରଣ କ୍ଷେତ୍ରଥି ଆଲୋଚନା କରାଯିବା । ଇ ସମ୍ମିଳନୀଥି ୨୪ ଟା ଦେଶର୍ ୧୭ ଶହ ନୁ ଅଏତ୍‌କା ପ୍ରତିନିଧି ଯୋଗ୍ ଦେବେ ।

ରାଜସ୍ୱ ସେବା- ହ୍ୱାଟ୍‌ସ୍‌ଆପ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ହ୍ୱାଟ୍‌ସ୍‌ଆପ୍ ଜରିଏ ରାଜସ୍ୱ ସେବା ‘ଆମ ସାଥୀ’ର ଆଏଜ୍ ଶୁଭାରମ୍ଭ କର୍‌ବେ । ଇତାର୍ ସହେତେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ବିଭାଗର୍ ଭିନ୍ ଭିନ୍ ନାଗରିକ କୈନ୍ଦ୍ରୀକ୍ ସେବାମାନ୍‌କର ଭିଲ୍ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କର୍‌ବେ । ‘ଆମ ସାଥୀ’ ସେବା ଜରିଏ ରାଏଜର୍ ଲୁକେ ଜମିଜମା ବାବଦ୍‌ର ସବୁ ଅଭିଯୋଗ୍ ଆଉ ଆବେଦନ୍ କରିପାର୍‌ବେ । ୯୪୩୭୨୯୨୦୦୦ ନମ୍ବରଥି ହ୍ୱାଟ୍‌ସ୍‌ଆପ୍ କଲେ ଆବେଦନ୍‌ମାନେ ଧାରିଜ୍ ସମିଆ ଭିତ୍‌ରେ ଶହେ ୭୦ନୁ ଅଏତ୍‌କା ଜରୁରୀ ସେବା

ପାଇପାର୍‌ବେ । ଇ ସେବା ଜରିଏ ଦୁର୍ନୀତି ବନ୍ଦ୍ ହେବାର୍ ସହେତେ ତହସିଲ୍ ଅଫିସ୍‌କେ ଲୁକ୍‌କୁ ବାର୍ ବାର୍ ଯିବାର୍‌କେ ନାଇଁ ପଡ଼େ । ଉଦ୍‌ଘାଟନୀ ସମାରୋହଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭିଲ୍ ଉପସ୍ଥିତ୍ ରହେବେ ।

ଧାନ୍ ଘିନା ଡିଜିଟାଲ୍ ବ୍ୟବସ୍ଥା I & P R

ରାଜ୍ୟ ସରକାର ଚଲ୍‌ତି ଖରିଫ୍ ଋତୁଥି ଚାଷୀମାନ୍‌ଙ୍କୁ ଡିଜିଟାଲ୍ ସଂସ୍କାର୍ ଜରିଏ ଧାନ୍ ବିକାର୍ ସର୍ବନିମ୍ନ ସହାୟତା ମୂଲ୍ୟ- ଏମ୍‌ଏସ୍‌ପି ଯୁଗେଇ ଦେଇଛନ୍ । ଇ ବଛର୍ ପହେଲା କରି ଆଧାର୍ ସଂଯୋଗ୍ ଥିବା ଇ-କେୱାଇସି ପେମେଂଟ ବ୍ୟବସ୍ଥା ଅପ୍‌ନାଯାଇଥିବାର୍‌ନୁ ପି-ପାସ୍ ବ୍ୟବସ୍ଥା ସଙ୍ଗେ ସଂଯୋଗ୍ ଥିବା ଆକାଉଂଟମାନ୍‌ଙ୍କୁ ସିଧାସଲଖ୍ ଧାନ୍ ବିକା ଟଙ୍କା ଯୁଗେଇ ଦିଆଯାଉଛେ । ଇତାର୍ ଜରିଏ ଏମ୍‌ଏସ୍‌ପି ଦେବାର୍ ବ୍ୟବସ୍ଥା ଫଟିକ୍, ନିର୍ଭୁଲ୍ ଭାବେ କରାଯାଇ ପାରିଛେ । ଚଲ୍‌ତି ଖରିଫ୍ ଋତୁଥି ସରକାର ପାଖାପାଖି ୧୦ ଲାଖ୍ ୫୬ ହଜାର୍ ଚାଷୀଙ୍କୁ ଏମ୍‌ଏସ୍‌ପି ବାବ୍‌ଦେ ୧୨ ହଜାର ୭ ଶହ ୩ କୋଟି ୭୪ ଲାଖ୍ ଟଙ୍କା ଦେଇ ସାରିଛନ୍ ବଲି ଯୋଗାଣ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶିଷ୍ଟ ରେଲ୍ ସେବା ପୁରସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

ପୂର୍ବତଟ ରେଲ୍ ପଥ୍ ତରଫୁ ଭୁବନେଶ୍ୱର ରେଲ୍ ଅଡିଟୋରିୟମ୍ ନ ବିଶିଷ୍ଟ ରେଲ୍ ସେବା ପୁରସ୍କାର ୨୦୨୫ ପ୍ରଦାନ୍ ସମାରୋହ ଗଲାକାଏଲ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ୪୯ ଝନ୍ ରେଲ୍ କର୍ମଚାରୀଙ୍କୁ ସେବା, ଉତ୍କର୍ଷତା ଲାଗି ଇ ପୁରସ୍କାର ଦିଆଯାଇଛେ । ଇତାର୍‌ଛଡ଼ା ସମ୍ବଲପୁର ଆଉ ଓ୍ୱାଲ୍‌ଟିୟର୍ ମଣ୍ଡଲ୍‌କେ ଭିଲ୍ ମିଲିତ୍ ଭାବେ ସାମଗ୍ରିକ୍ ଦକ୍ଷତା ପୁରସ୍କାର ଦିଆଯାଇଛେ ।

ସମ୍ବଲପୁର ଛାତ୍ର-ରାଷ୍ଟ୍ରପତି ଭବନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର୍ ଛାତ୍ରମାନ୍‌କର ଗୁଟେ ପ୍ରତିନିଧି ଦଲ୍ ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନ୍ ଆଉ ସଂସଦ୍ ଭବନ୍ ପରିଦର୍ଶନ୍ କରିଛନ୍ । ଓଡ଼ିଶା ଆଉ ଛତିଶଗଡ଼୍‌ନୁ ୬୨ ଝନ୍ ଛାତ୍ରଛାତ୍ରୀ ଇଥି ସାମିଲ୍ ହେଇଥିଲେ । ଛୁଆମାନେ ରାଷ୍ଟ୍ରପତି ଭବନ୍ ବୁଲିକରି ରାଜ୍ୟ ସଭା ଆଉ ଲୋକ ସଭାର ଅଧିବେଶନ୍ ଦେଖିବାର୍ ସହେତେ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍‌ଙ୍କୁ ଭେଟିଛନ୍ ।

କୃଷିଯନ୍ତ୍ରପାତି ମେଲା ବଲାଙ୍ଗୀର ସମ୍ବାଦଦାତା

ବଲାଙ୍ଗୀର କୋଶଲ୍ କଲାମଣ୍ଡଲ୍ ପଡ଼ିଆ ନ ଗଲାକାଏଲ୍ ଜିଲ୍ଲାସ୍ତରୀୟ ମସ୍ୟ ଆଉ ପ୍ରାଣୀ ସମ୍ପଦ୍ ମେଲା ଉଦ୍‌ଘାଟିତ୍ ହେଇଯାଇଛେ । ୫ ଦିନିଆ ମେଲାକେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ୍ କରିଛନ୍ । କୃଷି ଯନ୍ତ୍ରପାତିର୍ ବେଭାର୍ କରି କରି ଚାଷୀମାନେ ଉନ୍ନତ୍ ପଦ୍ଧତି ଜରିଏ ଚାଷ୍‌ବାସ୍ କର୍‌ବାର୍ ଲାଗି ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆହ୍ୱାନ୍ ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ-ବଲାଙ୍ଗିର୍ ବଲାଙ୍ଗିର୍ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ବଲାଙ୍ଗୀର୍ ଜିଲ୍ଲା ଗସ୍ତଥି ଆସିକରି ପାଟ୍‌ନାଗଡ୍ ଆଉ ଖପ୍ରାଖୋଲ୍ ବ୍ଲକ୍‌ର ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାର୍ଯ୍ୟକ୍ରମ୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କରିଛନ୍ । ୪୨ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍‌କେ ଥିବା ବାର୍ଥଲା ପଂଚାୟତ୍‌ର ବଜାର୍ ନିୟନ୍ତ୍ରଣ୍ ମଣ୍ଡିର୍ ନୂଆଁ ଘର୍ ଆଉ ଖପ୍ରାଖୋଲ୍ ବ୍ଲକ୍ ନ ୧୬ କୋଟି ୪୨ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍‌କେ ଥିବା ମିନି ଷ୍ଟାଡ଼ିୟମ୍‌ର ଶିଲାନ୍ୟାସ୍ କରିଛନ୍ । ଶ୍ରୀ ସିଂହଦେଓ ପୁଲିସ୍‌ର ୬ ଟା ଷ୍ଟାଫ୍ କ୍ୱାର୍ଟର୍ ଭିଲ୍ ଶୁଭାରମ୍ଭ କରିଛନ୍ ।

ଖଡ଼ିଆଲ ମହୋତ୍ସବ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ନ ଗଲାକାଏଲ୍ ଖଡ଼ିଆଲ ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ମହୋତ୍ସବ୍‌କେ ଉଦ୍‌ଘାଟନ୍ କରିଛନ୍ । ଉଦ୍‌ଘାଟନୀ ସମାରୋହ ଆଗୋନୁ ସହରେ ଗୁଟେ ବିଶାଲ୍ ସାଂସ୍କୃତିକ୍ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା ।

ଜନଗଣନା-ତାଲିମ୍, ସମୀକ୍ଷା କାର୍ଯ୍ୟକ୍ରମ୍ /କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଜନଗଣନା ଲାଗି ଗୁଟେ ତାଲିମ୍ ଆଉ ସମୀକ୍ଷା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜନଗଣନା ନିର୍ଦ୍ଦେଶାଳୟର୍ ଯୁଗ୍ମ ନିର୍ଦ୍ଦେଶକ୍ ଡକ୍ଟର୍ ଅଭୟ ନାରାୟଣ୍ ନାଏକ୍ ଯୋଗ୍ ଦେଇକରି ତାଲିମ୍ ଦେଇଥିଲେ । ଆଏବା ଜନଗଣନା କାମ୍ ୨ ଟା ଖେପେ କରାଯିବା । ଇଥି ପାଖାପାଖି ୩୬ ହଜାର୍ ଅଧିକାରୀ ଆଉ କର୍ମଚାରୀ ନିୟୋଜିତ୍ ହେବେ ।

ସଚେତନତା କାର୍ଯ୍ୟକ୍ରମ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୌଦ୍ଧ ଜିଲ୍ଲା ଅଏଁଲାପାଲି ଗାଁ ନ ସାମାଜିକ୍ ଆଉ ଅର୍ଥନୈତିକ୍ ଅଭିବୃଦ୍ଧି ଦିଗେ ସର୍କାର୍ଙ୍କର୍ ଭିନ୍ ଭିନ୍ ଯୋଜ୍ନା ଉପ୍ରେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବୁଣାକାର୍‌ମାନ୍‌କର୍ କୌଳିକ୍ ବୃତି କପ୍‌ଡ଼ା ବୁନ୍‌ବାର୍‌କେ ନେଇକରି ଆତ୍ମନିର୍ଭରଶୀଲ୍ ହେଇପାରୁଛନ୍ ବଲି କହିପାର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼୍‌ଭାଗୀ ଜାଗାନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା ଦିନେ ଦୁଇଦିନ୍‌ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ରାତିର୍ ତାପମାତ୍ରା ୨ନୁ ୩ ଡିଗ୍ରୀ ତକ୍ କମ୍‌ବା ବଲି ଭୁବନେଶ୍ୱର ଆଂଚଳିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ ।
ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦରଗଡ଼୍, କଳାହାଣ୍ଡି ସହେତେ ୭ଟା ଜିଲ୍ଲା ନ ହାଲ୍‌କାନୁ ମଧ୍ୟମ ଧରଣର କୁହୁଡ଼ି ହେବା ବଲି କେନ୍ଦ୍ର ତର୍‌ଫୁ କୁହାଯାଇଛେ ।